# NATIONAL NEWS BULLETIN (ODIA)

**17 December - 2025**

**Morning Bulletin : 7.15 a.m.**

*************************************

## ମୁଖ୍ୟ ସମ୍ବାଦ

- ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଦ ଗ୍ରେଟ୍ ଅନର୍ ନିଶାନ୍ ଅଫ୍ ଇଥିଓପିଆରେ' ସମ୍ମାନୀତ ହେଲେ ପ୍ରଧାନମନ୍ତ୍ରୀ ।

– ଇଥିଓପିଆ ସଂସଦକୁ ଆଜି ସମ୍ବୋଧନ କରିବେ ଶ୍ରୀ ମୋଦୀ ।

- ଭାରତ-ଇସ୍ରାଏଲ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷରିତ ହେବା ନେଇ ଆଶାବ୍ୟକ୍ତ କରିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ପାରମ୍ପରିକ ଔଷଧ ଆଧାରିତ ଦ୍ୱିତୀୟ ଡବ୍ଲ୍ୟୁ.ଏଚ୍.ଓ. ସମ୍ମିଳନୀ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ଚଳିତ ପୁରୁଷବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଲକ୍ଷ୍ନୌ ଠାରେ ଆଜି ଖେଳାଯିବ ଚତୁର୍ଥ ମ୍ୟାଚ୍ ।

## ପିଏମ୍-ଇଥିଓପିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଦି ଗ୍ରେଟ୍ ଅନର୍ ନିଶାନ୍ ଅଫ୍ ଇଥିଓପିଆ'ରେ ସମ୍ମାନିତ କରାଯାଇଛି । ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଆବି ଅହମ୍ମଦ୍ ଅଲି ଶ୍ରୀ ମୋଦୀଙ୍କୁ ଗତକାଲି

ରାଜଧାନୀ ଆଦିସ୍ ଆବାବା ସ୍ଥିତ ଆଦିସ୍ ଆନ୍ତର୍ଜାତିକ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ସବୁଠାରୁ ପ୍ରାଚୀନ ସଭ୍ୟତା ମଧ୍ୟରେ ରହିଥିବା ଇଥିଓପିଆଠାରୁ ଏହି ପୁରସ୍କାର ଗ୍ରହଣ କରିବା ଏକ ସମ୍ମାନର ବିଷୟ । ଉଭୟ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ସମ୍ମାନକୁ ଭାରତବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

**V/O-1-PM-ETHIOPIA-AWARD**

ଏହା ପୂର୍ବରୁ ଶ୍ରୀ ମୋଦୀ ତାଙ୍କ ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଅଲିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଜାତିସଂଘ ଶାନ୍ତିରକ୍ଷା ଅଭିଯାନ, ତାଲିମ୍, ପାରସ୍ପରିକ ପ୍ରଶାସନିକ ସହାୟତା, ଇଥିଓପିଆ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଠାରେ ଏକ ତଥ୍ୟ କେନ୍ଦ୍ର ପ୍ରତିଷ୍ଠା ଆଦି କ୍ଷେତ୍ରରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶ୍ରୀ ମୋଦୀ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଶକ୍ତି, ନୂତନ ଗତି ଏବଂ ନୂତନ ଗଭୀରତା ବୋଲି ବର୍ଣ୍ଣନା କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇକୁ ଇଥିଓପିଆ ସମର୍ଥନ ପ୍ରଦାନ କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି ।

**V/O-2-PM-MODI-AT-ETHOPIA**

ଶ୍ରୀ ମୋଦୀ ଆଜି ଇଥିଓପିଆ ସଂସଦ ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଇଥିଓପିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ଓମାନ୍ ଗସ୍ତରେ ଯିବେ । ଓମାନ୍ ରାଷ୍ଟ୍ର ମୁଖ୍ୟ ସୁଲତାନ ହାଇଥାମ୍ ବିନ୍ ତାରିକ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ

ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଏକ ଉଚ୍ଚ ପ୍ରତିନିଧି ମଣ୍ଡଳୀ ମଧ୍ୟ ଓମାନ୍ ଗସ୍ତରେ ଯିବେ । ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ଆର୍ଥିକ ସହଭାଗିତା ବୃଦ୍ଧି ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ରାଷ୍ଟ୍ରପତି-ସଦନ୍ ସୋଜର୍ଣ୍ଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ସିକନ୍ଦରାବାଦ୍‌ର ବୋଲାରାମ୍ ସ୍ଥିତ ରାଷ୍ଟ୍ରପତି ନିଳୟମ୍‌ରେ ପହଞ୍ଚିବେ । ୬ ଦିନିଆ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ରାଜ୍ୟ ଲୋକସଭା ଆୟୋଗ ପକ୍ଷରୁ ଆୟୋଜିତ ଜାତୀୟ ଅଧ୍ୟକ୍ଷ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ୨୦ ତାରିଖରେ ଗଚିବୌଲି ଠାରେ ବ୍ରହ୍ମା କୁମାରୀ ଶାନ୍ତି ସରୋବର ଦ୍ୱାରା ଆୟୋଜିତ ଭାରତର କାଳଜୟୀ ଜ୍ଞାନ ଶାନ୍ତି ଓ ପ୍ରଗତିର ପଥ ଶୀର୍ଷକ ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ରାଷ୍ଟ୍ରପତି ମୁର୍ମୁ ଆଜି ତାମିଲନାଡୁର ଭେଲୋର ଗସ୍ତରେ ଯାଇ ଶ୍ରୀପୁରମ୍ ସ୍ୱର୍ଣ୍ଣ ମନ୍ଦିରରେ ଦର୍ଶନ ଓ ଆରତୀ କରିବେ । ସେଠାରେ ଏକ ଧ୍ୟାନ ମଣ୍ଡପ ଉଦ୍‌ଘାଟନ କରିବା ସହ ମନ୍ଦିର ପରିସରରେ ଏକ ଚାରାରୋପଣ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ମୁର୍ମୁ ଗତକାଲିଠାରୁ କର୍ଣ୍ଣାଟକ, ତାମିଲନାଡୁ ଏବଂ ତେଲଙ୍ଗାନାକୁ ୭ ଦିନିଆ ଗସ୍ତରେ ଯାଇଛନ୍ତି ।

# ଜୟଶଙ୍କର-ଇସ୍ରାଏଲ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ଜେରୁଜେଲମ୍ ଠାରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଦ୍ୱିପାକ୍ଷିକ ରଣନୈତିକ ସହଭାଗିତା ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ଦକ୍ଷତା ବିକାଶ, ଯୋଗାଯୋଗ ଏବଂ ସୁରକ୍ଷା ଆଦି କ୍ଷେତ୍ର ଉପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆଞ୍ଚଳିକ ତଥା ବିଶ୍ୱକାଶ ଉପରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଦୃଷ୍ଟିକୋଣକୁ ଭାରତ ସମର୍ଥନ ପ୍ରଦାନ କରେ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଇସ୍ରାଏଲ୍‌ର ଅର୍ଥ ଏବଂ ଶିଳ୍ପ ମନ୍ତ୍ରୀ ନିର୍ ବରକତ୍‌ଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ସାକ୍ଷାତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ନିବେଶ ଏବଂ ନବସୃଜନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଉଭୟ ନେତା ମତବିନିମୟ କରିଛନ୍ତି । ଭାରତ-ଇସ୍ରାଏଲ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବା ନେଇ ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

# ଟ୍ରାଡିସନାଲ୍ ମେଡିସିନ୍ ସମିଟ୍

ନୂଆଦିଲ୍ଲୀରେ ଆଜିଠାରୁ ପାରମ୍ପରିକ ଔଷଧ ଉପରେ ଆଧାରିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମ୍ମିଳନୀ ଆରମ୍ଭ ହେଉଛି । ଡବ୍ଲ୍ୟୁ.ଏଚ୍.ଓ. ଏବଂ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଏହି ତିନିଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି । ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ଅଂଶଗ୍ରହଣକାରୀ ତଥା ନାଗରିକ ସମାଜର ନେତୃ ସ୍ଥାନୀୟ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ଏକ ସନ୍ତୁଳିତ, ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ

ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆଲୋଚନା କରିବେ । 'ସନ୍ତୁଳନର ପୁନରୁଦ୍ଧାର : ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଜ୍ଞାନ ଏବଂ ଅଭ୍ୟାସ' ପ୍ରସଙ୍ଗରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଗୁଜରାଟର ଗାନ୍ଧିନଗର ଠାରେ ଗତ ୨୦୨୩ ମସିହାରେ ଅନୁଷ୍ଠିତ ଏହି ସମ୍ମିଳନୀର ନିର୍ଯ୍ୟାସ ଉପରେ ଆଲୋଚନା ହେବ । ପାରମ୍ପରିକ ଔଷଧ ଆଧାରିତ ସ୍ୱାସ୍ଥ୍ୟସେବା ନେଇ ଏହି ସମ୍ମିଳନୀରେ ମତବିନିମୟ ହେବାର ସମ୍ଭାବନା ରହିଛି । ସମ୍ମିଳନୀ ଅବସରରେ ୨୫ରୁ ଅଧିକ ଅଧିବେଶନ ମାଧ୍ୟମରେ ୧୭୦ରୁ ଅଧିକ ବିଶେଷଜ୍ଞ, ନୀତିନିର୍ଦ୍ଧାରକ ସେମାନଙ୍କର ମତ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ମନରେଗା-ଜି ରାମ ଜି

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ-**VB-G. RAM. G** -୨୦୨୫ ବିଲ୍‌କୁ ଗତକାଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଲୋକସଭାରେ ଉପସ୍ଥାପିତ କରିଛନ୍ତି । ଏହି ବିଲ୍ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରିବ । ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ବିଲ୍‌ରେ ଧ୍ୟାନ ଦିଆଯାଇଛି । ଗ୍ରାମ ପଞ୍ଚାୟତଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଧ୍ୟମରେ ଯୋଜନାଗୁଡ଼ିକର ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ଆଧାରିତ ଏକ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ସୃଷ୍ଟି କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି । ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ଅନୁରୂପ ଗ୍ରାମର ବିକାଶକୁ ସମର୍ଥନ କରିବ । ଏହାବ୍ୟତୀତ ବିଲ୍‌ରେ ଏକ ପ୍ରଯୁକ୍ତିବିଦ୍ୟା ସକ୍ଷମ ଢାଞ୍ଚା ଏବଂ ଆଇନଗତ ଓ ପ୍ରଶାସନିକ

ବ୍ୟବସ୍ଥା ମାଧ୍ୟମରେ ଅଧିକ ସ୍ୱଚ୍ଛଳ ଓ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ପ୍ରସ୍ତାବିତ ବିଲ୍‌ରେ ସରକାର ୪ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି । ସେଗୁଡ଼ିକ ହେଲା – ଜଳ ସଂରକ୍ଷଣ, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଏବଂ ବିପର୍ଯ୍ୟୟ ପ୍ରଶମନ ।

ମନରେଗା ଯୋଜନା ଉପରେ ଆଲୋକପାତ କରି ଶ୍ରୀ ଚୌହାନ କହିଛନ୍ତି, ତତ୍କାଳୀନ ୟୁ.ପି.ଏ. ସରକାର ଏହି ଯୋଜନା ଅଧୀନରେ ୨ ଲକ୍ଷ ୧୩ ହଜାର କୋଟି ଟଙ୍କାର ଖର୍ଚ୍ଚ କରିଥିଲେ । ତେବେ ବର୍ତ୍ତମାନର ସରକାର ଏହି ଗରିବଙ୍କ କଲ୍ୟାଣକାରୀ ଯୋଜନା ଅଧୀନରେ ୮ ଲକ୍ଷ ୫୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଏହାଦ୍ୱାରା ରୋଜଗାର ସୁଯୋଗକୁ ଅଧିକ ସୁଦୃଢ଼ କରାଯାଇ ପାରିଛି ବୋଲି ସେ କହିଛନ୍ତି ।

## ଜିଓସ୍ପାସିଆଲ୍ ମିଶନ୍

ନୂଆଦିଲ୍ଲୀର ଯଶୋଭୂମି ଠାରେ 'ଭୌଗଳିକ ମିଶନ୍ ବିକଶିତ ଭାରତକୁ ସମର୍ଥନ' ଶୀର୍ଷକ ଜାତୀୟ କର୍ମଶାଳା ଆଜି ଆୟୋଜିତ ହେଉଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉଦ୍‌ଘାଟନ କରିବେ । ଭୌଗଳିକ ପରିବେଶକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି କର୍ମଶାଳାର ଆୟୋଜନ କରାଯାଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ସହରାଞ୍ଚଳ ଯୋଜନା, ପରିବେଶ ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ ତଥା ଜାତୀୟ ଭୌଗଳିକ ମିଶନ୍ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା କ୍ଷେତ୍ରରେ ଏହି କର୍ମଶାଳା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା

କରାଯାଉଛି । ସ୍ଥାନୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ନେଇ କର୍ମଶାଳାରେ ମତବିନିମୟ ହେବ ।

## ମାଇଟି-ଇଣ୍ଡିଆ ଏଆଇ ମିଶନ୍

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଇଣ୍ଡିଆ ଏ.ଆଇ. ମିଶନ୍ ପକ୍ଷରୁ କୃଷି କ୍ଷେତ୍ରରେ ଏ.ଆଇ.ର ପ୍ରକୃତ ପ୍ରଭାବ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଆହ୍ୱାନ କରାଯାଇଛି । ମହାରାଷ୍ଟ୍ର ସରକାରଙ୍କ ଏ.ଆଇ. ଏବଂ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବରେ ଆରମ୍ଭ କରିଥିବା ଏହି ପଦକ୍ଷେପକୁ ବିଶ୍ୱବ୍ୟାଙ୍କ୍ ଓ ଘରୋଇ ପ୍ରତିଷ୍ଠାନଗୁଡ଼ିକ ସମର୍ଥନ ପ୍ରଦାନ କରୁଛନ୍ତି । ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଫସଲ ଉତ୍ପାଦନକୁ ବୃଦ୍ଧି କରିବା, କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ବଜାର ପ୍ରବେଶକୁ ଅଧିକ ବ୍ୟାପକ କରିବା ସହିତ କୃଷକଙ୍କ ଆର୍ଥିକ ସ୍ଥିତିରେ ନିରନ୍ତର ଉନ୍ନତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଉଦ୍ଭାବକ, ଗବେଷକ ଏବଂ ଏ କ୍ଷେତ୍ରର ଅଂଶଗ୍ରହଣକାରୀଙ୍କ ମତାମତ’ ବିକାଶ କ୍ଷେତ୍ରକୁ ଉନ୍ନତ କରିବାରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ଚଳିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜି ଲକ୍ଷ୍ନୌ ଠାରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ

ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସିରିଜ୍‌ରେ ୨-୧ରେ ଭାରତ ଆଗୁଆ ରହିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶୁକ୍ରବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଖେଳାଯିବ । ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ଅସୁସ୍ଥତା କାରଣରୁ ଚତୁର୍ଥ ଏବଂ ପଞ୍ଚମ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି । ତାଙ୍କ ବଦଳରେ ସେହେବାଜ ଅହମ୍ମଦଙ୍କୁ ଦଳରେ ସାମିଲ କରାଯିବା ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସୂଚନା ଦେଇଛି ।